**ବ୍ୟାବସାୟିକ ଭିତ୍ତିରେ ଘୁଷୁରି ଫାର୍ମ (୫ ଟି ମାଈ + ୧ ଟି ଅଣ୍ଡିରା ) ପ୍ରତିଷ୍ଠା ପାଇଁ ଚାଷୀ ମାନଙ୍କୁ ଆର୍ଥିକ ସହାୟତା (OMBADC)**

**ଲକ୍ଷ୍ୟ** - ଓଡିଶାର ଖଣିଜ ଅଞ୍ଚଳ ବିକାଶ ପରିଷଦ ମାଧ୍ୟମରେ ଘୁଷୁରି ପାଳନ ଦ୍ଵାରା କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ଚାଷୀ ମାନଙ୍କ ଆର୍ଥିକ ଉନ୍ନତି କରିବା ଏହି ଯୋଜନାର ଲକ୍ଷ୍ୟ ଅଟେ।

**ଉଦ୍ଦେଶ୍ୟ**



- ଘୁଷୁରି ପ୍ରଜନନ ଫାର୍ମ(୫ ମାଈ + ୧ ଅଣ୍ଡିରା )ପ୍ରତିଷ୍ଠା ନିମନ୍ତେ ବ୍ୟକ୍ତିଗତ ସହାୟତା ପ୍ରଦାନ
- ଲୋକ ମାନଙ୍କ ପ୍ରାଣୀଜ ପୁଷ୍ଟିସାର ଆବଶ୍ୟକତାର ପୂରଣ
- ଘୁଷୁରି ଚାଷକୁ କ୍ଷୁଦ୍ର ଲାଭଜନକ ବ୍ୟବସାୟରେ ପରିଣତ କରିବା
- ଗ୍ରାମୀଣ ଗରିବ ଲୋକ ମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବା

**ଯୋଜନା ଅଟକଳ ଓ ଆର୍ଥିକ ସହାୟତା-**

- ଘୁଷୁରି ଫାର୍ମ (୫ ମାଈ + ୧ ଅଣ୍ଡିରା ) ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ମୋଟ ରାଶି- ୨,୧୦,୦୦୦ ଟଙ୍କା
- ସରକାରୀ ସହାୟତା (ଶତକଡା ୧୦୦ ଭାଗ)

**ଯୋଗ୍ୟତା** -

ଓଡିଶାର ଖଣିଜ ଅଞ୍ଚଳ ବିକାଶ ପରିଷର ଗରିବ ଚାଷୀ ମାନେ ଏହି ଯୋଜନାରେ ସହାୟତା ପାଇପାରିବେ ।

**ଆର୍ଥିକ ସହାୟତା ପ୍ରଦାନର ପ୍ରଣାଳୀ -**



- ମୋଟ ଅଟକଳ ସହାୟତା ରାଶିର ଆର୍ଥିକ ସହାୟତା ଆକାରରେ ସିଧା ସଳଖ ତିନିଟି କିସ୍ତି ରେ ହିତାଧିକାରୀ ଙ୍କ ବ୍ୟାଙ୍କ ଖାତାରେ ଜମା ହେବ।
- ପ୍ରଥମ କିସ୍ତି ରେ ୪୨୦୦୦ ଟଙ୍କା (ଅନୁଦାନ ରାଶିର ୨୦ ପ୍ରତିଶତ) ଘୁଷୁରି ଗୁହାଳ lintel ପର୍ଯ୍ୟନ୍ତ ତିଆରି ସରିଲା ପରେ ପ୍ରଦାନ କରାଯିବ।
- ଦ୍ଵିତୀୟକିସ୍ତିରେ ୪୨୦୦୦ ଟଙ୍କା (ଅନୁଦାନ ରାଶିର ୨୦ ପ୍ରତିଶତ) ଘୁଷୁରି ଗୁହାଳ ସମ୍ପୂର୍ଣ ତିଆରି ସରିଲା ପରେ ପ୍ରଦାନ କରାଯିବ।
- ତୃତୀୟ କିସ୍ତିରେ ୧,୨୩,୧୫୦ଟଙ୍କା (ଅନୁଦାନ ରାଶିର ୬୦ ପ୍ରତିଶତ) ୫ ମାଈ + ୧ ଅଣ୍ଡିରା ଘୁଷୁରି କିଣି ସାରିବା ପରେ ପ୍ରଦାନ କରାଯିବ।
- ୬ ଗୋଟି ଘୁଷୁରିର ବୀମା ନିମନ୍ତେ ୨୮୫୦ ଟଙ୍କା ବୀମା କମ୍ପାନିକୁ ପ୍ରଦାନ କରାଯିବ।

**ଆବଶ୍ୟକୀୟ ଦସ୍ତାବିଜ -**

- ପରିଚୟ ପତ୍ର (ଆଧାରକାର୍ଡର ନକଲ )
- ଜମିଜମା ଦସ୍ତାବିଜ/ଲିଜପ୍ରମାଣପତ୍ର (ନକଲ)
- ବ୍ୟାଙ୍କ ଋଣ କ୍ଷେତ୍ରରେ ସଂପୃକ୍ତ ବ୍ୟାଙ୍କର ସମ୍ମତିପତ୍ର
- ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ର ନକଲ (ଆକାଉଣ୍ଟ ନମ୍ବର ଓ ଆଇଏଫଏସସି କୋଡ଼ ନିମନ୍ତେ)

**ଆବେଦନ କରିବା ପ୍ରଣାଳୀ -**

ଆବେଦନ ପ୍ରକ୍ରିୟାର ସବିଶେଷ ପଦ୍ଧତି ବିଷୟରେ ଜାଣିବା ପାଇଁ ସ୍ଥାନୀୟ ବ୍ଲକ ପ୍ରାଣୀ ଚିକିତ୍ସାଳୟ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ସହିତ ଯୋଗା ଯୋଗ କରିପାରିବେ ।